**PRESS INFORMATION BUREAU**
**GOVERNMENT OF INDIA**
**BHUBANESWAR**


| 1 | **Title of the Story / Report** | **Ministry of Labour announced e-Shram portal for registration of unorganised labour force. This will help extend financial and scheme benefits to them. The portal will benefit more than 38 crore such labourers.** |
|---|---|---|
| 2 | **Name of the publication** | **Dharitri** |
| 3 | **Page no** | **3** |
| 4 | **Date** | **27.08.2021** |
| 5 | **Language of publication** | **ODIA** |
| 6 | **Place of publication** | **Bhubaneswar** |

# ଇ-ଶ୍ରମ ପୋର୍ଟାଲ ଶୁଭାରମ୍ଭ

ନୂଆଦିଲ୍ଲୀ,୨୬।୮

କେନ୍ଦ୍ର ସରକାର ନୂଆ ଇ-ଶ୍ରମ ପୋର୍ଟାଲ ଶୁଭାରମ୍ଭ କରିଛନ୍ତି। ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ଲାଭ ସିଧାସଳଖ ପ୍ରଦାନ କରିବା ଲାଗି ଏହା କରାଯାଇଛି। କେନ୍ଦ୍ର ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ଭୁପେନ୍ଦ୍ର ଯାଦବ, ଶ୍ରମ ରାଷ୍ଟ୍ର ମନ୍ତ୍ରୀ ରାମେଶ୍ୱର ତେଲୀ ଏହି ଅବସରରେ ଉପସ୍ଥିତ ଥିଲେ। ଗୋଟିଏ ପ୍ଲାଟଫର୍ମରେ ସବୁ ପ୍ରକାରର ସାମାଜିକ ସୁରକ୍ଷା ଯୋଜନାର ଲାଭ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପୋର୍ଟାଲରେ ପଞ୍ଜୀକରଣ କରିବା ପରେ ପ୍ରଥମ ଗୋଟିଏ ବର୍ଷ ଲାଗି ଦୁର୍ଘଟଣା ବୀମା ମଧ୍ୟ ମିଳିବ। କମନ ସର୍ଭିସ ସେଣ୍ଟରଗୁଡିକରେ ଆଙ୍ଗୁଠି ଇମ୍ପ୍ରେସନ ସହ ପଞ୍ଜୀକରଣ କଲେ କାର୍ଡ ତୁରନ୍ତ ମିଳିବ। ପଞ୍ଜୀକରଣ ଲାଗି କୌଣସି ଦେୟ ଦେବାକୁ ପଡିବନି।

# PRESS INFORMATION BUREAU
# GOVERNMENT OF INDIA
# BHUBANESWAR

| | | |
|---|---|---|
| 1 | **Title of the Story / Report** | **Ministry of Labour announced e-Shram portal for registration of unorganised labour force. This will help extend financial and scheme benefits to them. The portal will benefit more than 38 crore such labourers.** |
| 2 | **Name of the publication** | **Pragativadi** |
| 3 | **Page no** | **11** |
| 4 | **Date** | **27.08.2021** |
| 5 | **Language of publication** | **ODIA** |
| 6 | **Place of publication** | **Bhubaneswar** |

# ଅସଂଗଠିତ ଶ୍ରମିକଙ୍କ ଲାଗି ଇ-ପୋର୍ଟାଲ ଲଞ୍ଚ

- ୩୮ କୋଟି ଶ୍ରମିକଙ୍କ ଡାଟାବେସ ପ୍ରସ୍ତୁତ କରାଯିବ
- କମନ ସର୍ଭିସ ସେଣ୍ଟରରେ ମାଗଣା ରେଜିଷ୍ଟ୍ରେସନ କରାଯିବ
- ସରକାର ରେଜିଷ୍ଟ୍ରେସନ ପିଛା ସିଏସସିକୁ ୨୦ ଟଙ୍କା ଦେବେ
- ଦକ୍ଷତା, ଶିକ୍ଷା, ରହିବା ସ୍ଥାନ ଭିତ୍ତିରେ ଶ୍ରମିକଙ୍କୁ ସୁବିଧା ଦିଆଯିବ
- ୧୦ରୁ କମ ଲୋକ କାର୍ଯ୍ୟ କରୁଥିବା ସଂଗଠନର ଶ୍ରମିକମାନେ ବି ରେଜିଷ୍ଟ୍ରିଭୁକ୍ତ ହୋଇପାରିବେ
- ଏଥିଲାଗି ସରକାର ୪୦୪ କୋଟିର ବଜେଟ ପ୍ରସ୍ତୁତ କରିଛନ୍ତି




■ ନୂଆଦିଲ୍ଲୀ

କେନ୍ଦ୍ର ସରକାର ନିଜର ସୋସିଆଲ ସିକ୍ୟୁରିଟି ସ୍କିମଗୁଡ଼ିକର ଫାଇଦା ଅସଂଗଠିତ ସେକ୍ଟରର ଶ୍ରମିକମାନଙ୍କ ନିକଟରେ ସିଧାସଳଖ ପହଞ୍ଚାଇବା ଲାଗି ଗୁରୁବାର ଇ-ଶ୍ରମ ପୋର୍ଟାଲ ଲଞ୍ଚ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଶ୍ରମ ଓ ରୋଜଗାର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଶ୍ରମ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି ଉପସ୍ଥିତ ଥିଲେ। ପୋର୍ଟାଲ ଲଞ୍ଚ ହେବା ପରେ ତୁରନ୍ତ ଏଥିରେ ଅସଂଗଠିତ ସେକ୍ଟରର ଶ୍ରମିକମାନଙ୍କର ରେଜିଷ୍ଟ୍ରେସନ ଆରମ୍ଭ ହୋଇଯାଇଛି।

କୋଭିଡ ସମୟରେ ଶ୍ରମିକଙ୍କ ପଳାୟନ କରିଥିଲେ। କିନ୍ତୁ ସେମାନଙ୍କୁ ଜରୁରୀ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ଫାଇଦା ମିଳିବାରେ ଅସୁବିଧା ହୋଇଥିଲା। ଏସବୁକୁ ଦୃଷ୍ଟିରେ ରଖି ଇ-ଶ୍ରମ ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଇ-ଶ୍ରମ ପୋର୍ଟାଲ ସ୍କିମ ମାଧ୍ୟମରେ ସରକାର ଅସଂଗଠିତ ସେକ୍ଟରର ୩୮ କୋଟି ଶ୍ରମିକଙ୍କ ଡାଟାବେସ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି। କେନ୍ଦ୍ର ସରକାରଙ୍କ ସୋସିଆଲ ସିକ୍ୟୁରିଟି ସ୍କିମଗୁଡ଼ିକୁ ଇଣ୍ଟିଗ୍ରେଟ କରିବା ଏହାର ଲକ୍ଷ୍ୟ। ଏହି ଡାଟାବେସରେ ଶ୍ରମିକ, ପ୍ରବାସୀ ଶ୍ରମିକ, ଉଠାଦୋକାନୀ, ଘରୋଇ ଶ୍ରମିକ, ନିର୍ମାଣ ଶ୍ରମିକ, ଗିଗ ଓ ପ୍ଲାଟଫର୍ମ କର୍ମଚାରୀ, କୃଷି ଶ୍ରମିକ ଓ ଅସଂଗଠିତ ସେକ୍ଟରର ଅନ୍ୟାନ୍ୟ ଶ୍ରମିକମାନେ ରେଜିଷ୍ଟ୍ରେସନ କରିପାରିବେ। ୧୦ରୁ କମ ଲୋକ କାର୍ଯ୍ୟ କରୁଥିବା ସଂଗଠନର ଶ୍ରମିକମାନେ ଏଥିରେ ରେଜିଷ୍ଟ୍ରେସନ କରିପାରିବେ। ସେମାନଙ୍କୁ ଦକ୍ଷତା, ଶିକ୍ଷା, ରହିବା ସ୍ଥାନ ଭିତ୍ତିରେ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯିବ। ସେମାନଙ୍କ ଦକ୍ଷତା ଅପଗ୍ରେଡେସନ କରାଯିବା ସହ ନ୍ୟାସନାଲ କ୍ୟାରିୟର ସର୍ଭିସରେ ସେମାନଙ୍କୁ ସାମିଲ କରାଯିବ। ଏଥିଲାଗି ଶ୍ରମିକମାନଙ୍କୁ ଆଧାର ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟର ସୂଚନା ଦେବାକୁ ହେବ।

ଏହି ଅବସରରେ ଶ୍ରମମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି ଯେ ସରକାର ଶ୍ରମିକମାନଙ୍କ ପଞ୍ଜୀକରଣରେ ସହାୟତା ଲାଗି ଏକ ଟେଲି କଲ ସେଣ୍ଟର ନିର୍ମାଣ କରିବେ। ଏଠାରେ ପ୍ରଥମରୁ ହିନ୍ଦୀ ଓ ଇଂରାଜୀରେ ସୂଚନା ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ଏଠାରେ ଦେଶର ବିଭିନ୍ନ ଆଞ୍ଚଳିକ ଭାଷାରେ ମଧ୍ୟ ସୂଚନା ମିଳିପାରିବ। ଶ୍ରମ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି କହିଛନ୍ତି ଯେ ଅସଂଗଠିତ ସେକ୍ଟରର ଶ୍ରମିକମାନେ ଏହି ପୋର୍ଟାଲରେ ନିଜେ କିମ୍ବା କମନ ସର୍ଭିସ ସେଣ୍ଟର (ସିଏସସି) ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଯଦି କମନ ସର୍ଭିସ ସେଣ୍ଟରରେ ରେଜିଷ୍ଟ୍ରେସନ କରାନ୍ତି, ତେବେ ଏଥିଲାଗି କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଏଥିଲାଗି ସରକାର ସିଏସସିଗୁଡ଼ିକୁ ରେଜିଷ୍ଟ୍ରେସନ ପିଛା ୨୦ ଟଙ୍କା ଲେଖାଏଁ ପ୍ରଦାନ କରିବେ। ଏହି ପୋର୍ଟାଲରେ ରେଜିଷ୍ଟ୍ରେସନ କରିବା ପରେ ଶ୍ରମିକମାନଙ୍କୁ ଅନ୍ୟ କୌଣସି ସୋସିଆଲ ସିକ୍ୟୁରିଟି ସ୍କିମରେ ରେଜିଷ୍ଟ୍ରେସନ କରିବାକୁ ପଡ଼ିବ ନାହିଁ। ଶ୍ରମିକଙ୍କୁ ମିଳିଥିବା ୧୨ ଡିଜିଟ ବିଶିଷ୍ଟ ଇ-ଶ୍ରମ କାର୍ଡ ସାରା ଦେଶରେ ମାନ୍ୟତା ପ୍ରାପ୍ତ ହେବ। ପୋର୍ଟାଲରେ ଶ୍ରମିକମାନଙ୍କ ରେଜିଷ୍ଟ୍ରେସନ ଲାଗି ପ୍ରାୟ ୪୦୪ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି।

# PRESS INFORMATION BUREAU
# GOVERNMENT OF INDIA
# BHUBANESWAR

| | | |
|---|---|---|
| 1 | **Title of the Story / Report** | **Ministry of Labour announced e-Shram portal for registration of unorganised labour force. This will help extend financial and scheme benefits to them. The portal will benefit more than 38 crore such labourers.** |
| 2 | **Name of the publication** | **The New Indian Express** |
| 3 | **Page no** | **10** |
| 4 | **Date** | **27.08.2021** |
| 5 | **Language of publication** | **ODIA** |
| 6 | **Place of publication** | **Bhubaneswar** |

## e-SHRAM for unorganised workers

**SAMIKSHA GOEL** @ New Delhi

THE government on Thursday launched the e-SHRAM portal, which aims to maintain a national database of approximately 38 crore workers in the unorganised sector. Registrations across the country have begun from Thursday.

Upon registration on the portal, the workers shall be issued an e-SHRAM card with a 12-digit unique Universal Account Number (UAN), through which workers will be able to access the benefits of various social security schemes.

Every registered unorganised worker on eSHRAM portal will be sanctioned accidental insurance cover of ₹2 lakh for one year. If a worker registered with eSHRAM meets with an accident, he will be eligible for ₹2.0 lakh on death or permanent disability and ₹1.0 lakh on partial disability.

Unorganised workers across the country can register either by self enrolment through the portal or through Common Service Centres (CSC) or select post offices. The Ministry of Labour and Employment has been allotted ₹704 crore for the project.